# ୩୪ ତମ ପିକକ୍ ଶିଶୁମେଳା ଉଦଘାଟିତ

ଭୁବନେଶ୍ୱର – ତା ୧୪.୧୧.୨୦୨୩: ସବୁ ଶିଶୁ ସୁନ୍ଦର। ପ୍ରତ୍ୟେକ ଶିଶୁଙ୍କ ପାଖରେ ବହୁମୁଖୀ ପ୍ରତିଭା ଭରିରହିଛି । ଏହାର ସଠିକ ଉପଯୋଗ ପାଇଁ ପିଲାମାନେ ଯେତିକି ନୁହେଁ ତାଠାରୁ ଢେର ଗୁଣ ଅଧିକ ଅଭିଭାବକ ମାନେ ଯତ୍ନବାନ ହେବାର ଅବଶ୍ୟକତା ରହିଛି ବୋଲି ୩୪ ତମ ପିକକ୍ ଶିଶୁମେଳାର ଉଦ୍ଘାଟନ ଉତ୍ସବରେ ଗଣ୍ୟମାନ୍ୟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି ।

ମଙ୍ଗଳବାର ସନ୍ଧ୍ୟାରେ ଏକାମ୍ର ହାଟ ମୁକ୍ତାକାଶ ମଞ୍ଚରେ ଆୟୋଜିତ ଶିଶୁମେଳାରେ ଉପସ୍ଥିତ ଅତିଥିମାନେ  ପିଲାମାନଙ୍କୁ ଉତ୍ସାହିତ କରିବା ସହ ଶିଶୁମାନେ ନିଜର ଭବିଷ୍ୟତକୁ ସୁଦୃଢ଼ କରିବା ନିମନ୍ତେ ମୂଳରୁ ଯତ୍ନବାନ ହେବା ଆବଶ୍ୟକ । ପ୍ରତ୍ୟେକଟି ଶିଶୁର ବଞ୍ଚିବାର ଯେମିତି ଅଧିକାର ଅଛି ସେମିତି ପ୍ରତୀଟି କ୍ଷେତ୍ରରେ ନିଜର ଅଭିଳାଷକୁ ସାକାର କରିବା ନିମନ୍ତେ ପ୍ରଚେଷ୍ଟା ଜାରିରଖିବା ଜରୁରୀ  । ତେବେ ଅଭିଭାବକ ମାନେ ନିଜର ଆଶା ଅଭିଲାଷାକୁ ସାକାର କରିବା ପାଇଁ ପିଲାମାନଙ୍କ ଉପରେ ଚାପ ପକାଇବା ବଦଳରେ ସହଯୋଗର ହାତ ବଢ଼ାଇବା ଆବଶ୍ୟକ ବୋଲି ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି ।    ଭୁବନେଶ୍ୱର ମଧ୍ୟର ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ପିଲାମାନଙ୍କୁ ଉଦବୋଧନ ଦେଇ ଉତ୍ସାହିତ କରି କହିଥିଲେ ଯେ ପିଲାମାନେ ନିଜ ପାଠ ପଢ଼ିବା ସହିତ ତାଙ୍କ ଭିତରେ ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ପାଇଁ ସୁଯୋଗ ପାଇବା ଆବଶ୍ୟକ । ଭୁବନେଶ୍ୱରର ମେୟର ସୁଲୋଚନା ଦାଶ କହିଥିଲେ ଯେ ଭଲ ନାଗରିକ ହେବା ନିମନ୍ତେ ସମସ୍ତ ଶିଶୁ ନିଜର ସ୍ୱପ୍ନକୁ ପୁରଣ କରିବାକୁ  ଚେଷ୍ଟା କରନ୍ତୁ । ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା ସବୁପିଲା ସବୁ ଅଧିକାର ପାଇବା ଉଚିତ ବୋଲି ନିଜର ମତ ରଖିଥିଲେ।  ରୋଟାରୀ କ୍ଲବ ୟୁନିକ୍ ର ସଭାପତି ଆର୍ଯ୍ୟା ପଟ୍ଟନାୟକ ପିଲାମାନଙ୍କୁ ନିଜ ଭିତରର ପ୍ରତିଭାକୁ ଚିହ୍ନିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

ଓଡିଆ ଚଳଚିତ୍ରର ଶିଶୁ କଳାକାର ସୁହାନା କର, କହିଲେ ଆମେ ପିଲାମାନେ ଏକ ସୁସ୍ଥ ପୃଥିବୀ ଗଢ଼ିବା ନିମନ୍ତେ କଠିନ ପରିଶ୍ରମ କରିବା, ପାଠ ପଢ଼ିବା ଓ ସ୍ୱପ୍ନ ଦେଖିବା ଆବଶ୍ୟକ ।   ଅନ୍ୟମାନଙ୍କ ମାଧରେ ବର୍ଲିନ ରେ :ହୋଇଥିବା ସ୍ୱତନ୍ତ୍ର ଅଲମ୍ପିକ୍ସର ସାଇକଲ ରେସ ରେ ବ୍ରୋଞ୍ଜ ପଦକ ବିଜୟନୀ  କଳ୍ପନା ଜେନା ଓ 400 ମିଟର ଦୌଡ ପ୍ରତିଯୋଗୀତାରେ ରୌପ୍ୟ ପଦକ ବିଜୟନୀ ଅରିଦିତା ଚକ୍ରବର୍ତୀ ମଧ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରଯାଇଥିଲା

ପିକକ୍ ର ଶିଶୁମେଳା କମିଟିର  ସଭାପତି  ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଶ ପଟ୍ଟନାୟକଙ୍କ ଅଧକ୍ଷତା ରେ ଆୟୋଜିତ ଶିଶୁମେଳା  ଉତ୍ସବରେ ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ସ୍ୱାଗତ ଭାଷଣ ଦେଇଥିବାବେଳେ ପିକକ ଡ. ଅଧକ୍ଷା ମୀନାକ୍ଷୀ ପଣ୍ଡା, ନିଜ ବକ୍ତବ୍ୟରେ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପିଲାମାନଙ୍କ ସଫଳତା କାମନା କରିଥିଲେ । ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଦଶାବତାର ନାଟ୍ୟ  ଶାଳା, ଦିବ୍ୟ ଜ୍ୟୋତି ସ୍ମୃତି ପୀଠ, ଲକ୍ଷ୍ୟ ଡାନ୍ସ ଗ୍ରୁପ୍, କାର୍ଗିଲର ପ୍ରକୃତି ଆଡୋଲୋସେଣ୍ଟ ଗ୍ରୁପ ର ଶିଶୁ କଳାକାର ମାନଙ୍କ ଦ୍ୱାରା ଆକର୍ଷଣୀୟ ସଂସ୍କୃତିକ କାର୍ଯ୍ୟକ୍ରମ ର ପରିଚାଳନା କରଯାଇଥିଲା । ପିକକ୍ ର ରତ୍ନା ଦାଶ, ଜ୍ୟୋତିଶଙ୍କର ମହାନ୍ତି, ଅଞ୍ଜନା ଦାସ ପ୍ରମୁଖ କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ସନ୍ଧ୍ୟାରେ ୨୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

**ୣ୩୪ ତମ ପିକକ୍ ଶିଶୁମେଳା ୨ୟ ଦିବସ ର କାର୍ଯ୍ୟକ୍ରମ**

୬ ମାସ ରୁ ୩ ବର୍ଷ ବୟସ ମଧରେ ଶିଶୁମାନଙ୍କ ମଧରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀତା (ବେବି ଅଫ ଦି ଇୟର) – ଅପରାହ୍ନ ୪:୩୦ ଘଟିକା

ରାଇମ (ଆବୃତି)  (ନର୍ସରୀ ରୁ ପ୍ରଥମ ଶ୍ରେଣୀ )  – ଅପରାହ୍ନ ୫.୩୦ ଘଟିକା, ସାଂସ୍କୃତିକ କାର୍ଯ୍ୟକ୍ରମ- ସନ୍ଧ୍ୟା ୭ ଘଟିକା